ପାଠ - ୧୧

# ଆସ ହିସାବ କରିବା



ଘୋଡ଼ା ଓ ହାତୀମାନଙ୍କ ମଧ୍ୟରେ କ୍ରିକେଟ ଖେଳର ଫାଇନାଲ୍ ମ୍ୟାଚ୍ । ଗଧକୁ ରନ୍ ହିସାବ କରିବାକୁ ଦାୟିତ୍ୱ ଦିଆଯାଇଛି । ଘୋଡ଼ାମାନେ ଖୁବ୍ ଜୋରରେ ଦୌଡ଼ି ବହୁତ ରନ୍ କଲେ । ତା' ପରେ ହାତୀମାନଙ୍କ ପାଳି । ହାତୀମାନେ ଜୋରରେ ଦୌଡ଼ି ନ ପାରି ଗୋଟିଏ ପରେ ଗୋଟିଏ ରନ୍ ଆଉଟ୍ ହେଲେ । ହାତୀ ଦଳର ଅଧିନାୟକ ବ୍ୟାଟିଂ କରିବାକୁ ଆସିଲେ । ସମସ୍ତେ ଜୋରରେ ତାଳି ମାରିଲେ । ଅଧିନାୟକ ଚାହୁଁ ଚାହୁଁ ୮ଟି ବଡ଼ ଛକା ମାରିଲେ । ଗଧ ରନ୍ ହିସାବ କରିବ କିପରି ?

(୬ + ୬ + ୬ + ୬ + ୬ + ୬ + ୬ + ୬) ଏହିପରି ଲେଖି ଗଧ ମିଶାଣ ଆରମ୍ଭ କଲା । ହାତୀ ନେତାଙ୍କର ରନ୍ ଘୋଷଣା କରାଯିବ । ସମସ୍ତେ ଶୁଣିବା ପାଇଁ ଚାହିଁ ରହିଥା'ନ୍ତି । ହାତୀର ରନ୍ ଜାଣିବା ପାଇଁ ଗଧ ଚାରି ପାଖରେ ସମସ୍ତେ ଘେରି ଗଲେ । ବଗୁଲିଆ ମାଙ୍କଡ଼ଛୁଆ ସମସ୍ତଙ୍କୁ ଠେଲାପେଲା କରି ଗଧ ପାଖରେ ପହଞ୍ଚିଲା । ସେ ଗଧକୁ କହିଲା, "ଆରେ ଗଧ ଭାଇ, ଏମିତି ଶୀଘ୍ର ହିସାବ କରି ହେବ ନାହିଁ" ।

୬ କୁ ୮ ଥର ମିଶାଇବା ଯାହା, ୬ କୁ ୮ ଦ୍ୱାରା ଗୁଣିଦେଲେ ଫଳାଫଳ ତାହା ହିଁ ହୁଏ । ତେଣୁ ଅତି ଶୀଘ୍ର ହାତୀର ରନ୍ ଜାଣିବା ପାଇଁ ଗଧର ଚେତା ପଶିଲା । ସେ କହିଲା- "ବାଃ । ଏହା ତ ବଢ଼ିଆ ଉପାୟ । ବର୍ତ୍ତମାନ ହାତୀ ଯେତେ ଛକା ମାରିଲେ ମଧ୍ୟ ମୁଁ ଶୀଘ୍ର ହିସାବ କରି ଘୋଷଣା କରିଦେବି ।"

୬ + ୬ + ୬ + ୬ + ୬ + ୬ + ୬ + ୬ = ୪୮

୬ ର ୮ ଗୁଣ = ୪୮ ବା ୬ × ୮ = ୪୮

● ବର୍ତ୍ତମାନ ତୁମେ କହ କେତେ ହେବ ?

୬ ର ୪ ଗୁଣ = ......................................

୬ ର ୬ ଗୁଣ = ......................................

୬ ର ୭ ଗୁଣ = ......................................

୬ ର ୯ ଗୁଣ = ......................................

ଏହି ସବୁ ଗୁଣଫଳକୁ ଏପରି ଲେଖାଯାଇପାରେ ।

| | | | | | | | | | |
|---|---|---|---|---|---|---|---|---|---|
| ୬ | ୧୨ | ୧୮ | ୨୪ | ୩୦ | ୩୬ | ୪୨ | ୪୮ | ୫୪ | ୬୦ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୬ | ୬ | ୬ | ୬ | ୬ | ୬ | ୬ | ୬ | ୬ | ୬ |

● **ଏବେ, ସେହିପରି ୭ ର ଗୁଣନ ଖନ୍ଦା ପ୍ରସ୍ତୁତ କର ।**

| | | |
|---|---|---|
| ୭ ର ୧ ଗୁଣ | ୭ | ୭ × ୧ = ୭ |
| ୭ ର ୨ ଗୁଣ | ୭ + ୭ | ୭ × ୨ = ୧୪ |
| ୭ ର ୩ ଗୁଣ | ୭ + ୭ + ୭ | ୭ × ୩ = ୨୧ |
| ୭ ର ୪ ଗୁଣ | | |
| ୭ ର ୫ ଗୁଣ | | |
| ୭ ର ୬ ଗୁଣ | | |
| ୭ ର ୭ ଗୁଣ | | |
| ୭ ର ୮ ଗୁଣ | | |
| ୭ ର ୯ ଗୁଣ | | |
| ୭ ର ୧୦ ଗୁଣ | | |

● ପୂର୍ବ ଗୁଣନଖନ୍ଦାକୁ ଲକ୍ଷ୍ୟ କରି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

୧. ଚାରି ସପ୍ତାହରେ କେତେ ଦିନ ?

୨. ଗୋଟିଏ କଲମର ଦାମ୍ ୭ ଟଙ୍କା । ୬ଟି କଲମର ଦାମ୍ କେତେ ?

୩. ଜଣେ ପିଲା ୭ଟି ବେଲୁନ୍ କିଣିଲା । ପ୍ରତ୍ୟେକ ପିଲା ସମାନ ସଂଖ୍ୟକ ବେଲୁନ୍ କିଣିଲେ, ୮ ଜଣ ପିଲା କେତୋଟି ବେଲୁନ୍ କିଣିବେ ?..................





## ୮ ର ଗୁଣନ ଖନ୍ଦା :-

ଗୋଟିଏ ବୁଢ଼ିଆଣୀର ଗୋଡ଼ ସଂଖ୍ୟା = ......................

୩ଟି ବୁଢ଼ିଆଣୀର ଗୋଡ଼ ସଂଖ୍ୟା = ୮ + ୮ + ୮


= ୮ ର ୩ ଗୁଣ = ୮ × ୩ = ୨୪




ସେହିପରି ତାଲିକାରେ ଥିବା ଖାଲିସ୍ଥାନ ପୂରଣ କର ।

| | | |
|---|---|---|
| ୮ ର ୧ ଗୁଣ | ୮ | ୮ × ୧ = ୮ |
| ୮ ର ୨ ଗୁଣ | ୮ + ୮ | ୮ × ୨ = ୧୬ |
| ୮ ର ୩ ଗୁଣ | ୮ + ୮ + ୮ | ୮ × ୩ = ୨୪ |
| ୮ ର ୪ ଗୁଣ | ...................... | ...................... |
| ୮ ର ୫ ଗୁଣ | ...................... | ...................... |
| ୮ ର ୬ ଗୁଣ | ...................... | ...................... |
| ୮ ର ୭ ଗୁଣ | ...................... | ...................... |
| ୮ ର ୮ ଗୁଣ | ...................... | ...................... |
| ୮ ର ୯ ଗୁଣ | ...................... | ...................... |
| ୮ ର ୧୦ ଗୁଣ | ...................... | ...................... |

କୁନ୍‌ମୁନ୍ ୮ ର ଗୁଣନ ଖନ୍ଦା ଲେଖି ଟେବୁଲ ଉପରେ ଥୋଇ ଶୋଇଗଲା । ସେ ସକାଳୁ ଉଠି ଦେଖିଲା ବେଳକୁ ତା' କାଗଜକୁ ଉଇ ନଷ୍ଟ କରି ଦେଇଛି । କୁନ୍‌ମୁନ୍ ଏହା ଦେଖି ଭୋ - ଭୋ କରି କାନ୍ଦିଲା । ଉଇ କାଟିଥିବା ସ୍ଥାନରେ ତୁମେ ଉତ୍ତର ଠିକ୍ କରି ଲେଖି ଯୋଡ଼ି ଦେଲେ କୁନ୍‌ମୁନ୍‌ର କାନ୍ଦିବା ବନ୍ଦ ହେବ ।






● ଏବେ କହ ।

୧. ଗୋଟିଏ ମାଠିଆରେ ୮ ଲିଟର ଦୁଧ ଧରେ । ସେହିପରି ୭ଟି ମାଠିଆରେ କେତେ ଲିଟର ଦୁଧ ରହିବ ?


୨. ଗୋଟିଏ ସାର୍ଟରେ ୮ଟି ବୋତାମ ଲାଗିଲେ, ସେହିପରି ୫ଟି ସାର୍ଟରେ କେତୋଟି ବୋତାମ ଲାଗିବ ?

୩. ଗୋଟିଏ ଧାଡ଼ିରେ ୮ ଜଣ ପିଲା ବସିଲେ, ସେହିପରି ୪ଟି ଧାଡ଼ିରେ କେତେ ଜଣ ପିଲା ବସିବେ ?

## ୯ ର ଗୁଣନ ଖନ୍ଦା :-

| | | | |
|---|---|---|---|
| ୯ ର ୧ ଗୁଣ | ୯ | ୯ × ୧ | = ୯ |
| ୯ ର ୨ ଗୁଣ | ୯ + ୯ | ୯ × ୨ | = ୧୮ |
| ୯ ର ୩ ଗୁଣ | ୯ + ୯ + ୯ | ୯ × ୩ | = ୨୭ |
| ୯ ର ୪ ଗୁଣ | ...................... | ...................... | .......... |
| ୯ ର ୫ ଗୁଣ | ...................... | ...................... | .......... |
| ୯ ର ୬ ଗୁଣ | ...................... | ...................... | .......... |
| ୯ ର ୭ ଗୁଣ | ...................... | ...................... | .......... |
| ୯ ର ୮ ଗୁଣ | ...................... | ...................... | .......... |
| ୯ ର ୯ ଗୁଣ | ...................... | ...................... | .......... |
| ୯ ର ୧୦ ଗୁଣ | ...................... | ...................... | .......... |

ତୁମେ ଏଗୁଡ଼ିକ ପୂରଣ କର ।



- **ମନେ ମନେ ହିସାବ କରି କହ :**

୧. ୯ଟି ମାଛ ଅଛି । ପ୍ରତ୍ୟେକ ମାଛକୁ ୯ ଖଣ୍ଡ କରି କଟାଯିବ । ତେବେ, ମୋଟରେ କେତେ ଖଣ୍ଡ ମାଛ ହେବ ?

୨. ଜଣେ ବଢ଼େଇକୁ ଗୋଟିଏ ଆଲମିରା ତିଆରି କରିବାକୁ ୯ ଦିନ ସମୟ ଲାଗେ । ୭ଟି ଆଲମିରା କରିବା ପାଇଁ ତାକୁ ମୋଟ କେତେ ଦିନ ଲାଗିବ ?

୩. ଗୋଟିଏ ବ୍ୟାଗରେ ୯ କି.ଗ୍ରା. ଚିନି ରହିଲେ, ସେହିପରି ୬ଟି ବ୍ୟାଗରେ କେତେ ଚିନି ରହିବ ?

**ଆସ ରଙ୍ଗ ଦେବା :-**

ତଳେ କେତେଗୁଡ଼ିଏ କାର୍ଡ଼ରେ ଗୁଣନ କରାଯିବାକୁ କୁହାଯାଇଛି । ଯେଉଁ କାର୍ଡ଼ରେ ସଂଖ୍ୟାମାନଙ୍କର ଗୁଣଫଳ ୩୨, ସେହି କାର୍ଡ଼କୁ ନାଲି ରଙ୍ଗ ଦିଅ, ଗୁଣଫଳ ୨୪ ହେଲେ ନୀଳରଙ୍ଗ ଦିଅ, ଗୁଣଫଳ ୩୬ ହେଲେ ସବୁଜ ରଙ୍ଗ ଦିଅ । ଅନ୍ୟ କାର୍ଡ଼ଗୁଡ଼ିକରେ କୌଣସି ରଙ୍ଗ ଦିଅ ନାହିଁ ।

| | | | | |
|---|---|---|---|---|
| ୬ × ୬ | ୮ × ୨ | ୬ × ୪ | ୪ × ୮ | ୭ × ୪ |
| ୮ × ୪ | ୮ × ୭ | ୮ × ୩ | ୭ × ୬ | ୯ × ୪ |

## ୧୦ର ଗୁଣନ ଖନ୍ଦା

| | | |
|---|---|---|
| ୧୦ ର ୧ ଗୁଣ | ୧୦ | ୧୦ × ୧ |
| ୧୦ ର ୨ ଗୁଣ | ୧୦ + ୧୦ | ୧୦ × ୨ |
| ୧୦ ର ୩ ଗୁଣ | ୧୦ + ୧୦ + ୧୦ | ୧୦ × ୩ |
| ୧୦ ର ୪ ଗୁଣ | ...................................... | ....................... |
| ୧୦ ର ୫ ଗୁଣ | ...................................... | ....................... |
| ୧୦ ର ୬ ଗୁଣ | ...................................... | ....................... |
| ୧୦ ର ୭ ଗୁଣ | ...................................... | ....................... |
| ୧୦ ର ୮ ଗୁଣ | ...................................... | ....................... |
| ୧୦ ର ୯ ଗୁଣ | ...................................... | ....................... |
| ୧୦ ର ୧୦ ଗୁଣ | ...................................... | ....................... |

ତୁମେ ଖାଲି ଘରଗୁଡ଼ିକ ପୂରଣ କର ।

| | | | | | | | | | |
|---|---|---|---|---|---|---|---|---|---|
| ☐ | ☐ | ☐ | ☐ | ☐ | ☐ | ☐ | ☐ | ☐ | ☐ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୧୦ | ୧୦ | ୧୦ | ୧୦ | ୧୦ | ୧୦ | ୧୦ | ୧୦ | ୧୦ | ୧୦ |

- **ଏବେ କହ :**

(କ) ଗୋଟିଏ ଧାଡ଼ିରେ ୧୦ଟି ତାରା ଲାଗିଲେ, ୫ଟି ଧାଡ଼ିରେ କେତୋଟି ତାରା ଲାଗିବ ?

(ଖ) ଗୋଟିଏ କଲମର ଦାମ ୧୦ ଟଙ୍କା ହେଲେ, ସେହିଭଳି ୮ଟି କଲମର ଦାମ କେତେ ହେବ ?

(ଗ) ୭ଟି ସମାନ ଲମ୍ବର କାଠି ଅଛି । ପ୍ରତ୍ୟେକ କାଠିକୁ ସମାନ ୧୦ ଖଣ୍ଡ ଲେଖାଏଁ କଲେ, ମୋଟରେ କେତେ ଖଣ୍ଡ କାଠି ହେବ ?

(ଘ) ଗୋଟିଏ କାରର ୪ଟି ଚକ । ୧୦ଟି କାରର କେତୋଟି ଚକ ?

- **ଖାଲି ସ୍ଥାନଗୁଡ଼ିକୁ ପୂରଣ କର ।**

୬, ୧୨, ୧୮, ..........., ..........., ..........., ..........., ..........., ..........., ୬୦

୭, ୧୪, ୨୧, ..........., ..........., ..........., ..........., ..........., ..........., ୭୦

୮, ୧୬, ୨୪, ୩୨, ..........., ..........., ..........., ..........., ..........., ୮୦

୯, ୧୮, ୨୭, ୩୬, ..........., ..........., ..........., ..........., ..........., ୯୦

୧୦, ୨୦, ୩୦, ୪୦, ..........., ..........., ..........., ..........., ..........., ୧୦୦

- ତଳ ଟେବୁଲରେ ଲଗାଲଗି ରହିଥିବା ଘର ଦୁଇଟିରେ ଥିବା ସଂଖ୍ୟା ଦୁଇଟିର ଗୁଣଫଳକୁ ଟେବୁଲ୍ ବାହାର ପଟେ ସେହି କଡ଼ରେ ଥିବା ଘରେ ଲେଖ ।

| | | | | |
|---|---|---|---|---|
| | | | ୨୭ | |
| | ୧ | ୨ | ୩ | |
| ୩୨ | ୮ | ୪ | ୯ | |
| | ୭ | ୬ | ୫ | ୩୦ |
| | ୫୬ | | | |

ଏହିଭଳି ଆଉ କେତୋଟି ଟେବୁଲ କାଟି ସେଥିରେ ୧ ରୁ ୧୦ ମଧ୍ୟରେ ବିଭିନ୍ନ ସଂଖ୍ୟା ଲେଖି ପୂର୍ବଭଳି ଗୁଣଫଳ ନିର୍ଣ୍ଣୟ କରି ଖାଲିଘରେ ଲେଖ । ଦେଖ, କିଏ କେତୋଟି ଗୁଣଫଳ ଲେଖିପାରୁଛି ।

ଶୁଆନାନୀର ଦୋକାନ ଦେଖ,
ଜୋତା କିପରି ବିକୁଛି ଦେଖ ।
ବୁଢ଼ିଆଣୀ, ମୂଷା, ଚଟିଆ ଦେଖ,
କେତୋଟି ଜୋତା କିଣିବେ ଶିଖ ।
ବାଆର ମୂଷା ଏକାଠି ହେଲେ,
ନିଜ ପାଇଁ ଜୋତା ଉଠାଇ ନେଲେ ।
ଛବିଶି ଚଟିଆ ଆସିଲେ ଧାଇଁ,
କେତୋଟି ଜୋତା ଯିବେ ସେ ନେଇ ?
ଜୋତା କିଣିବାକୁ ଅତି ସଅଳ,
ବୁଢ଼ିଆଣୀ ଥିଲେ ଶହେ ଷୋହଳ ।
ହିସାବ କରି କହିଲ ପିଲେ,
କେଉଁମାନେ କେତେ ଜୋତା କିଣିଲେ ?



ଗୋଟିଏ ମୂଷା ପାଇଁ ୪ଟି ଜୋତା
୧୨ଟି ମୂଷା ପାଇଁ ଜୋତା ଦରକାର = ୧୨ × ୪
ଏଠାରେ ୧୨ ହେଉଛି ଗୁଣ୍ୟ ଓ ୪ ହେଉଛି ଗୁଣକ
ଗୁଣନ କ୍ରିୟା ଡାହାଣ ପାଖରୁ (ଗୁଣ୍ୟର ଏକକ ଘରୁ) ଆରମ୍ଭ ହୁଏ ।

  ୧୨
× ୪
———

**ଗୁଣ୍ୟର ଏକକ ଘର ଅଙ୍କକୁ ଗୁଣକ ଦ୍ୱାରା ଗୁଣନ**
୨ ଏକ × ୪ = ୮ ଏକ
ଗୁଣଫଳର ଏକକ ଘରେ ୮ ରହିବ ।

  ୧୨
× ୪
———
  ୪୮

**ଗୁଣ୍ୟର ଦଶକ ଘର ଅଙ୍କକୁ ଗୁଣକ ଦ୍ୱାରା ଗୁଣନ**
୧ ଦଶ × ୪ = ୪ ଦଶ
ଗୁଣଫଳର ଦଶକ ଘରେ ୪ ରହିବ ।

ଗୁଣଫଳର ଦଶକ ଘରେ ୪ ଓ ଏକକ ଘରେ ୮

୪ ଦଶ ୮ ଏକ = ୪୮

ଏବେ କହ, ମୂଷାମାନେ କେତୋଟି ଜୋତା କିଣିଲେ ?



- ଗୋଟିଏ ଚଟିଆ ପାଇଁ ୨ଟି ଜୋତା

୨୬ଟି ଚଟିଆ ପାଇଁ ଜୋତା ଦରକାର = ୨୬ × ୨

ଏଠାରେ ଗୁଣକ କେତେ ? ☐ ଗୁଣ୍ୟ କେତେ ? ☐

**ଗୁଣ୍ୟର ଏକକ ଘର ଅଙ୍କ ସହିତ ଗୁଣକର ଗୁଣନ**

୬ ଏକ × ୨ = ୧୨ ଏକ

୧୨ ଏକକୁ ୧ ଦଶ ୨ ଏକ ଲେଖାଯାଇପାରିବ

ଗୁଣଫଳର ଏକକ ଘରେ ୨ ଓ ଦଶକ ଘରେ ୧ ରହିବ ।

| | ଦଶ | ଏକ |
|---|---|---|
| | ୨ | ୬ |
| | × | ୨ |
| | ୧ | ୨ |
| + | ୪ | |
| | ୫ | ୨ |

**ଗୁଣ୍ୟର ଦଶକ ଘର ଅଙ୍କ ସହ ଗୁଣନ**

୨ ଦଶ × ୨ = ୪ ଦଶ

ଗୁଣଫଳର ଦଶକ ଘର ତଳେ ୪ ରହିବ ।

ଏବେ ଯୋଗ କଲେ ଯୋଗଫଳ ୫୨ ହେବ । ଅର୍ଥାତ୍ ୨୬ × ୨ = ୫୨



- ଗୋଟିଏ ବୁଢ଼ିଆଣୀ ପାଇଁ ୮ଟି ଜୋତା ।

  ୧୧୬ଟି ବୁଢ଼ିଆଣୀ ପାଇଁ ଦରକାର = ୧୧୬ × ୮ ଟି ଜୋତା

  ଏଠାରେ ଗୁଣ୍ୟ କେତେ ? ☐

  ଗୁଣକ କେତେ ? ☐

  **ଗୁଣ୍ୟର ଏକକ ଘର ଅଙ୍କ ସହିତ ଗୁଣକର ଗୁଣନ**

  ୬ ଏକ × ୮ = ୪୮ ଏକ

  ୪୮ କୁ ୪ ଦଶ ୮ ଏକ ଲେଖାଯାଇପାରିବ

  ଗୁଣଫଳର ଦଶକ ଘରେ ୪ ଓ ଏକକ ଘରେ ୮ ରହିବ ।

**ଗୁଣ୍ୟର ଦଶକ ଘର ଅଙ୍କ ସହିତ ଗୁଣକର ଗୁଣନ**

୧ ଦଶ × ୮ = ୮ ଦଶ

ତେଣୁ, ଗୁଣଫଳର ଦଶକ ଘରେ ୮ ରହିବ ।

**ଗୁଣ୍ୟର ଶତକ ଘର ଅଙ୍କ ସହିତ ଗୁଣକର ଗୁଣନ**

୧ ଶତ × ୮ = ୮ ଶତ

ଗୁଣଫଳର ଶତକ ଘରେ ଲେଖାଯିବ ୮ ।

$$
\begin{array}{r}
୧୧୬ \\
\times \quad ୮ \\
\hline
୪୮ \\
୮୦ \\
+ \quad ୮୦୦ \\
\hline
୯୨୮
\end{array}
$$

ଗୁଣଫଳ ହେଲା ୯ ଶହ ୨ ଦଶ ୮ ଏକ ବା ୯ ୨ ୮

ବୁଢ଼ିଆଣୀମାନେ ୯ ୨ ୮ ଟି ଜୋତା କିଣିଲେ ।

**ସଂକ୍ଷେପରେ ଗୁଣନ :**

$$
\begin{array}{r}
୧୧୬ \\
\times \quad ୮ \\
\hline
୯୨୮
\end{array}
$$

- **ଉଦାହରଣ ଦେଖି ଖାଲି ଘର ପୂରଣ କର :**

୧୩ × ୧୦ = ୧୩୦   ୨୭ × ୧୦ = ୨୭୦

୩୪ × ୧୦ = ୩୪୦   ୬୧ × ୧୦ = ☐

୫୫ × ୧୦ = ☐   ୭୮ × ୧୦ = ☐

୮୨ × ୧୦ = ☐   ୧୦୦ × ୧୦ = ☐

୧ ୦ ଦ୍ୱାରା ଗୁଣାଯାଉଥିବା ସଂଖ୍ୟା ଓ ଏମାନଙ୍କର ଗୁଣଫଳ ମଧ୍ୟରେ କ'ଣ ଲକ୍ଷ୍ୟ କରୁଛ ?

.............................................................................................

.............................................................................................

.............................................................................................

.............................................

ଯେ କୌଣସି ସଂଖ୍ୟାକୁ ୧ ୦ ଦ୍ୱାରା ଗୁଣିଲେ, ଗୁଣ୍ୟର ଡାହାଣରେ ଗୋଟିଏ ଶୂନ 'o' ବସାଇଲେ ଗୁଣଫଳ ମିଳେ ।

# ଅଭ୍ୟାସ

୧. ସ୍ୱାଧୀନତା ଦିବସରେ ଗୋଟିଏ ବିଦ୍ୟାଳୟରେ ପ୍ରତ୍ୟେକ ପିଲାକୁ ୩ଟି କରି ଲଡ୍ଡୁ ଦିଆଗଲା । ୧୨୫ ଜଣ ପିଲାଙ୍କୁ କେତୋଟି ଲଡ୍ଡୁ ଦିଆଗଲା ?


ଉତ୍ତର–

ଜଣେ ପିଲାକୁ ଦିଆଗଲା ୩ଟି ଲଡ୍ଡୁ

୧୨୫ ଜଣ ପିଲାଙ୍କୁ ଦିଆଯିବ = ୧୨୫ × ୩ =

```
  ୧୨୫
×   ୩
─────
```

୨. କେଉଁ ତାଲା କେଉଁ ଚାବି କାଠିରେ ଖୋଲିବ ? ଗାର ଦେଇ ଯୋଡ଼ ।




୩. **ଗୁଣଫଳ ବାହାର କର ।**

| | | | | |
|---|---|---|---|---|
| ୭୨ | ୧୪୩ | ୧୦୫ | ୨୦୬ | ୪୦୦ |
| × ୨ | × ୬ | × ୩ | × ୪ | × ୨ |

୪. **ତଳଲିଖିତ ପ୍ରଶ୍ନଗୁଡ଼ିକୁ ସମାଧାନ କର :-**

(କ) ୧୬ଟି ଫୁଲତୋଡ଼ା ତିଆରି ହେବ । ଗୋଟିଏ ଫୁଲତୋଡ଼ାରେ ୮ଟି ଫୁଲ ରହିଲେ, ସମୁଦାୟ କେତୋଟି ଫୁଲ ଦରକାର ହେବ ।

(ଖ) ଭୁବନେଶ୍ୱରରୁ କୋରାପୁଟକୁ ଜଣପିଛା ରେଳଭଡ଼ା ୧୪୮ ଟଙ୍କା । ଗୋଟିଏ ପରିବାରର ୬ ଜଣ ଲୋକ ଭୁବନେଶ୍ୱରରୁ କୋରାପୁଟ ଗଲେ । ସେମାନେ କେତେ ଟଙ୍କା ରେଳଭଡ଼ା ଦେଲେ ?

(ଗ) ଜୟରାମବାବୁଙ୍କ ପାଉଁରୁଟି କାରଖାନାରେ ଘଣ୍ଟାକୁ ୧୬୦ଟି ପାଉଁରୁଟି ତିଆରି ହୁଏ । ୬ ଘଣ୍ଟାରେ ସେହି କାରଖାନାରେ କେତୋଟି ପାଉଁରୁଟି ତିଆରି ହେବ ?

(ଘ) ପ୍ରତି ଟ୍ରେରେ ୩୦ଟି ଅଣ୍ଡା ରହିଲେ, ୯ଟି ଟ୍ରେରେ କେତୋଟି ଅଣ୍ଡା ରହିବ ?


(ଙ) ଗୋଟିଏ ଶାଢ଼ୀର ଦାମ୍ ୩୦୭ ଟଙ୍କା ହେଲେ, ସେହିପରି ୩ଟି ଶାଢ଼ୀ କିଣିବାକୁ କେତେ ଟଙ୍କା ଦରକାର ?

(ଚ) ଜଣେ ବ୍ୟବସାୟୀ ପ୍ରତି କୋଠରିରେ ୨୨୪ଟି ତେଲଟିଣ ରଖିଲେ । ସେ ୪ଟି କୋଠରିରେ କେତୋଟି ତେଲଟିଣ ରଖିବେ ?

(ଛ) ଗୋଟିଏ ଫ୍ରକ୍‌ର ମୂଲ୍ୟ ୫୮ ଟଙ୍କା । ଭାସ୍କରବାବୁ ଏକା ପ୍ରକାରର ୧୦ଟି ଫ୍ରକ୍ କିଣିଲେ । ସେ କେତେ ଟଙ୍କା ଦୋକାନୀକୁ ଦେବେ ?

୫. **କାଠିରୁ ଗୁଣନ –**

ଯେପରି–



୬ × ୧ = ୬     ୬ × ୨ =     ୬ × ୩ =

ଏହିପରି, ୮ × ୨ ଓ ୮ × ୪ କୁ ଚିତ୍ରରେ ଦେଖାଅ ।

